**ଆହତଙ୍କୁ ମେଡିକାଲ ନେଲେ ତହସିଲଦାର**

ଖଇରା, (ଉତ୍କଳବନ୍ଧୁ ପଣ୍ଡା)-ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣା ବିପଦର ବନ୍ଧୁ ସାଜି ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ନିଜ ଗାଡିରେ ନେଇ ଖଇରା ମେଡିକାଲରେ ପହଞ୍ଚାଇ ମଣିଷପଣିଆର ପରିଚୟ ଦେଇଛନ୍ତି । ଶନିବାର ପିତାପାଣିଆ ଗ୍ରାମର ଜଗନାଥ ସାମଲ ନିଜ ସହଯୋଗୀଙ୍କ ସହ ବାଇକରେ ଯାଉଥିବା ବେଳେ ବଟେଶ୍ୱର ମୋଡ ନିକଟରେ ଗାଡିରୁ ଖସି ପଡିଥିଲେ । ପଛରୁ ନିଜ ବୋଲେରୋରେ ଆସୁଥିବା ତହସିଲଦାର ଗାଡି ଅଟକାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଡାକ୍ତରଖାନା ନେଇଥିଲେ ।



## ସଂକ୍ଷେପରେ

### ଚନ୍ଦନଙ୍କୁ ୨ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ଚାନ୍ଦବାଲି,୧୦।୧୨(କିଷାନ ପାତ୍ର)- ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସିର ୭ ନଂ. ୱାର୍ଡ କାଉନସିଲର ତଥା ଭାଜପା ଯୁବମୋର୍ଚ୍ଚା ସଦସ୍ୟ ଚନ୍ଦନ ରାଉତଙ୍କୁ ଦଳର ୨ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ତାଙ୍କୁ ରାଜ୍ୟ



ସୋସିଆଲ ମିଡିଆ କାର୍ଯ୍ୟକାରିଣୀ ସଦସ୍ୟ ଏବଂ କେନ୍ଦ୍ରାପଡ଼ା ଜିଲା ସୋସିଆଲ ମିଡିଆ ପ୍ରଭାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପିଲାଟି ଦିନରୁ ସମାଜସେବାରେ ନିଜକୁ ନିୟୋଜିତ କରିବାର ଉତ୍ସାହ ତାଙ୍କୁ ରାଜନୀତିକୁ ଟାଣିଆଣିଥିଲା ବୋଲି ସେ କହିଛନ୍ତି। ଅତି କମ୍ ବୟସରେ ସେ ରାଜନୀତିରେ ପାଦ ଦେଇ ଚାନ୍ଦବାଲି ଅଞ୍ଚଳରେ ସଙ୍ଗଠନକୁ ମଜଭୁତ କରଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ଦୁର୍ଘଟଣା ରୋକିବାକୁ ପୋଲିସର ସଚେତନତା

ପାଟଣା,୧୦।୧୨(ବୀର କିଶୋର ଦାଶ)- କେନ୍ଦୁଝର ଜିଲା ପାଟଣା ଥାନା ପକ୍ଷରୁ ଦୁର୍ଘଟଣା ରୋକିବାକୁ ରବିବାର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପାଟଣା ବଜାରରେ ବିଭିନ୍ନ ଗାଡ଼ିଚାଳକ ଓ ଆରୋହୀଙ୍କୁ ସିଟ୍‌ବେଲ୍ଟ ବାନ୍ଧି ଗାଡ଼ି ଚାଳନା, କ୍ଷମତାଠୁ ଅଧିକ ନ ବସିବା, ହେଲ୍‌ମେଟ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଲାଇବାକୁ ପୋଲିସ ପକ୍ଷରୁ ସଚେତନତା କରାଯାଇଥିଲା। ଏସ୍ଆଇ ମନୋରମା ସ୍ୱାଇଁ, ଏଏସ୍ଆଇ ଗୌରହରି ଗଦିର, ଧନେଶ୍ୱର ପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ।

### ଓଡ଼ିଶା ଦଳରେ ଭଦ୍ରକରୁ ଭାଗ୍ୟଶ୍ରୀ, ପୂଜାରାଣୀ

**୨୩ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ**


ଭାଗ୍ୟଶ୍ରୀ ରାଉତ।


ପୂଜାରାଣୀ ଦାସ।

ଭଦ୍ରକ,୧୦।୧୨ (ସନାତନ ରାଉତ)- କୋଲକାତାଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ୨୩ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଓଡ଼ିଶା ଦଳରେ ଭଦ୍ରକର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭଦ୍ରକ ବ୍ଲକ ଅଧୀନ ଉତ୍ତରବାହିନୀର ଭାଗ୍ୟଶ୍ରୀ ରାଉତ(୨୧) ଓ ଚାନ୍ଦବାଲି ବ୍ଲକର ପୂଜାରାଣୀ ଦାସ(୧୯)। ସେମାନେ ପ୍ରଥମଥର ରାଜ୍ୟସ୍ତରୀୟ ଦଳରେ ଖେଳିବା ନିମନ୍ତେ ଚୟନ ହୋଇଛନ୍ତି। ଓଡ଼ିଶା ଦଳ କୋଲକାତାଠାରେ ଅରୁଣାଚଳ ପ୍ରଦେଶ, ମୁମ୍ବାଇ, ହାଇଦ୍ରାବାଦ୍, ହରିୟାଣା, କେରଳ ଓ ତ୍ରିପୁରା ବିପକ୍ଷରେ ମ୍ୟାଚ୍ ଖେଳିବ। ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ଧୀରେନ ପଲାଇ, ସଭାପତି ଉପେନ୍ଦ୍ର ବାରିକଙ୍କ ସମେତ ସେମାନେ କୋଚିଂ ନେଉଥିବା ଭଦ୍ରକ କ୍ରିକେଟ ଏକାଡେମୀର ମୁଖ୍ୟ ମନୋଜ ସାହୁ, କୋଚ୍ ଅସିତ୍ ଦାସ, ପ୍ରଜ୍ଞା ପରମିତା ସାମଲ, ସଦସ୍ୟ ବିଜୟ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଶବଦାହ ପାଇଁ ମିଳୁନି ଜାଗା

## ଜମିର କିସମ ପରିବର୍ତ୍ତନ

ତିହିଡ଼ି, ୧୦।୧୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ବାରବାଟିଆ ମୌଜାରେ ଥିବା ଜମିର କିସମ ପରିବର୍ତ୍ତନ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗୋଚର ଓ ଶ୍ମଶାନ ଜମିକୁ ରାସ୍ତା, ଚାଷଜମିକୁ ଘରବାଡ଼ି କିସମ ପରିବର୍ତ୍ତନ କରାଯାଇଥିବାରୁ ମୌଜାବାସୀ ଶବଦାହ କରିବାକୁ ଜାଗା ପାଉ ନ ଥିବା ସହ ବିଭିନ୍ନ ସମସ୍ୟାରେ ପଡୁଥିବା ଅଭିଯୋଗ କରିଛନ୍ତି। ଏନେଇ ସେମାନେ କେନ୍ଦ୍ରୀୟ ରାଜସ୍ୱ କମିଶନର, କଟକ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ମୌଜାର ପ୍ଲଟ ନଂ. ୮୦୦ ଓ ୮୭୬ ଗୋଚର ଏବଂ ପ୍ଲଟ ନଂ. ୮୦୨ ଶ୍ମଶାନ କିସମର ଜମି ଏବଂ ପ୍ଲଟ ନଂ. ୮୦୧ କିସମ ଶାରଦ-୨ ଏ୦.୯୦ ଡିସିମିଲ ଜମିକୁ କେତେକ ବ୍ୟକ୍ତି ଘରବାଡ଼ି କିସମରେ ରେକର୍ଡ ପ୍ରସ୍ତୁତ କରାଇ ନେଇଛନ୍ତି। ସେମାନେ ଏହି ଜମିକୁ ବିକ୍ରି କରିବା ଫଳରେ ବାରବାଟିଆ ତଥା ହରସିଂହପୁର ମୌଜାର ଲୋକେ ଶବଦାହ କରିବା ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପ୍ରଶାସନ ଅବଗତ ଥିଲେ ବି ନୀରବଦ୍ରଷ୍ଟା ସାଜିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଶେଷକରି ବାରବାଟିଆ ପ୍ରାଥମିକ ସ୍କୁଲ ଓ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟକୁ ପିଲାମାନେ ବର୍ଷାଦିନେ ଯିବା ପାଇଁ ହଇରାଣ ହେଉଛନ୍ତି। ଗୋଚର ଜମି ଉପରେ ଥିବା ନାଳକୁ ରାସ୍ତା କରି ଦିଆଯାଇଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏହି ଗୋଚର ଜମି ଉପରେ ଥିବା ନାଳକୁ ସଂସ୍କାର କରିବା ପାଇଁ ତତ୍କାଳୀନ ତହସିଲଦାର ପ୍ରସ୍ତାବ ଦେଇଥିଲେ। ମାତ୍ର ସ୍ଥାନୀୟ ଅଞ୍ଚଳର କେତେକ ଲୋକ ନାଳ ଖନନ ପରିବର୍ତ୍ତେ ମୋରମ ପକାଇ ରାସ୍ତା ତିଆରି କରିଛନ୍ତି। ଚାଷଜମିକୁ ବେଆଇନ ଭାବେ ଘରବାଡ଼ି କିସମ କରି ସେମାନେ ବିକ୍ରି କରୁଥିବା ସଞ୍ଜୟ କୁମାର ବେହେରା, ସୁଦର୍ଶନ ଜେନା, ବୀରେନ୍ଦ୍ର ତ୍ରିପାଠୀ, ମିଥୁନ ଜେନା, ଯୋଗେନ୍ଦ୍ର ଦାସ, ମହେଶ୍ୱର ଦାସ, ବଂଶୀଧର ଜେନା, ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଦର୍ଶାଇଛନ୍ତି। ଜମିକୁ ମୂଳ କିସମକୁ ଫେରାଇ ଦିଆ ନ ଗଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବିଭିନ୍ନ ଦଳ ଛାଡ଼ି କଂଗ୍ରେସରେ ମିଶିଲେ ଶତାଧିକ କର୍ମୀ


ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ବିଭିନ୍ନ ଦଳର ନେତା ଓ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

## ବଢୁଛି କଂଗ୍ରେସର ଶକ୍ତି

ଖଇରା, ୧୦।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଶକ୍ତି ବଢ଼ିବାରେ ଲାଗିଛି । ସିମୁଳିଆ ଓ ଖଇରାରେ ବିଭିନ୍ନ ମିଶ୍ରଣ ପର୍ବରେ ବିଭିନ୍ନ ଦଳ ଛାଡି ବହୁ ସଂଖ୍ୟାର ମହିଳା ପୁରୁଷ ସ୍ୱତଃପ୍ରବୃତ୍ତ ଭାବେ କଂଗ୍ରେସରେ ଯୋଗଦାନ କରୁଛନ୍ତି। ଘଟଣାକ୍ରମେ ରବିବାର ଡୁଙ୍ଗୁରା ପଞ୍ଚାୟତ ଅଧୀନ ବରୁଣପଲ୍ଲୀଠାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଓ ଜ୍ୟୋତି ପ୍ରକାଶ ମାହୁନ୍ତଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ହରେକୃଷ୍ଣ ବେହେରା, ଦାମୋଦର ଯେନା, ବିଷ୍ଣୁପଦ ବେହେରା, ଚକ୍ରଧର ବେହେରା, କୈଳାସ ବେହେରା, ଗୋବିନ୍ଦ ବାରିକ ଓ ସୁବଳୟା ପାଟଣା ଗ୍ରାମର କାର୍ତ୍ତିକ ମହାକୁଡ, ଆଳଦା ଗ୍ରାମର ଯେନାଙ୍କ ନେତୃତ୍ୱରେ ବହୁ କର୍ମୀ ପ୍ରମୁଖ ବିଭିନ୍ନ ଦଳ ଛାଡି କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗଦାନ କରିଥିଲେ । ଯୁବନେତା ନିରଞ୍ଜନ ପରିଡା, ଗଧାଧର ଡିଆବାଗ, ଦୟାନିଧି ଦାସ ଓ ପ୍ରକାଶ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ସମାବେଶ: ବାଇକ୍ ରାଲିରେ ୨୦୦ରୁ ଊର୍ଦ୍ଧ୍ୱ ଯୁବକ


ଦହପଡ଼ାଠାରୁ ବାହାରିଥିବା ବିଶାଳ ବାଇକ ରାଲି।

ବାଲେଶ୍ୱର, ୧୦।୧୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ନିଜାମପୁର ପଞ୍ଚାୟତର ଦୁମୁଦାଠାରେ ରବିବାର ଏକ ବିଶାଳ ଯୁବସମାବେଶ ଯୁବନେତା ଇଂ. ଦୀପକ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରେମୁଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩୯ ନମ୍ବର ଜୋନ୍‌ର ୭ଗୋଟି ଓ ୩୬ ନମ୍ବର ଜୋନ୍‌ର ୩ ଗୋଟି ପଞ୍ଚାୟତରୁ ବହୁ ଇଂ. ମଲ୍ଲିକଙ୍କ ପ୍ରେମୀ ଏବଂ ସମର୍ଥକମାନେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାରମ୍ଭରେ ୨୦୦ରୁ ଊର୍ଦ୍ଧ୍ୱ ବିଶାଳ ବାଇକ ରାଲି ଦହପଡ଼ାଠାରୁ ବାହାରି ନହରପଟଣା ଛକ, ମଙ୍ଗଳପୁର, ରେମୁଣା ଗୋଳେଇ ମନ୍ଦିର ଛକ ଦେଇ ମନ୍ଦାରପୁର, ବଡ଼ପାଳ, କଲ୍ୟାଣପୁର, ସାହୁପଡ଼ା ହୋଇ ଦୁମୁଦାଠାରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ଯୁବନେତା ମନୋରଞ୍ଜନ ମହାଲ ସଭାପତିତ୍ୱ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଇଂ. ମଲ୍ଲିକ ଯୋଗ ଦେଇ ଆଗାମୀ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରିବାକୁ ଉପସ୍ଥିତ ସମର୍ଥକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଶତ୍ରୁଘ୍ନ ଚଣ୍ଡ, ରମେଶ ଦାସ, ସୁଶାନ୍ତ ସାହୁ, ଧୀରେନ୍ଦ୍ର ରାଉଳ, ପୂର୍ଣ୍ଣଚନ୍ଦ୍ର ମହାଲ, ସୁରେଶ ମହାଳିକ, ଚିନ୍ମୟ ଖଟୁଆ ଯୋଗଦେଇଥିଲେ। ଏହି ସଭାରେ ୫୦୦ରୁ ଊର୍ଦ୍ଧ୍ୱ ଯୁବକ ମାନେ ସାମିଲ ହୋଇଥିଲେ।

# ଯୋଗ ଓ ପ୍ରାକୃତିକ ଚିକିତ୍ସା ସମ୍ପର୍କିତ ଆଲୋଚନାଚକ୍ର

ବାରିପଦା,୧୦।୧୨(ନୀଳାଦ୍ରୀ ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର 'ଯୋଗ ଓ ପ୍ରାକୃତିକ ଚିକିତ୍ସା' ବିଭାଗ ପକ୍ଷରୁ ୨ ଦିନିଆ ଜାତୀୟ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରକୁ ପ୍ରଫେସର ହେମନ୍ତ କୁମାର ସାହୁ ଉଦ୍‌ଘାଟନ କରି ଯୋଗ ଓ ପ୍ରାକୃତିକ ଚିକିତ୍ସାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଫକିର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବାଷ ଚନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଯୋଗ ଓ ପ୍ରାକୃତିକ ଚିକିତ୍ସା ଉପରେ ଶାସ୍ତ୍ରୀୟ ଗବେଷଣା ଉପରେ ଆଲୋକପାତ କରିଥିଲେ। ବିଭାଗର ସଂଯୋଜକ ପ୍ରଫେସର ହିମା ବିନ୍ଦୁ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଭାଗର ଅଧ୍ୟାପିକା ଡ.ସୁଜାତା ଜେନା ଅତିଥି ପରିଚୟ ପ୍ରଦାନ ଓ ଅନ୍ୟତମ ଅଧ୍ୟାପକ ସାଗର ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦର୍ଶନ, ପ୍ରାକୃତିକ ଚିକିତ୍ସା ଓ ଆୟୁର୍ବେଦ ସମ୍ପର୍କରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ.ତାପସ ଷଡ଼ଙ୍ଗୀ ଆୟୁର୍ବେଦ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାକୃତିକ ଚିକିତ୍ସକ ଡ.ପ୍ରେମାନନ୍ଦ ମହନ୍ତ ପ୍ରାକୃତିକ ଚିକିତ୍ସା ଉପରେ ନିଜର ଅନୁଭୂତି ବଖାଣିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ଯୋଗ ପ୍ରଦର୍ଶନ କରିଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆରମ୍ଭ ହେଲା ଝୁମର ପ୍ରିମିୟର ଲିଗ୍



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମୋରଡ଼ା,୧୦।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତର ନିତୁଆପଦାଠାରେ ଝୁମର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କ୍ରିକେଟ ପ୍ରିମିୟର ଲିଗ୍ ଭଳି ନିଆରା ଢଙ୍ଗରେ ଅନୁଷ୍ଠିତ ହେଉଥିବା ଏହି ଝୁମର ପ୍ରିମିୟର ଲିଗ୍ ୨ଦିନ ଧରି ଚାଲିବ। ଜିଲା ତଥା ବାହାର ରାଜ୍ୟର ଝୁମର କଳାକାରମାନେ ଅଂଶଗ୍ରହଣ କରି ଝୁମର ଗୀତ ଗାଇବା ସହିତ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରବୀନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ଯୁବ ସାମାଜିକ କର୍ମୀ ତରୁଣ କୁମାର ଦେ, ସୁବ୍ରତ ତରାଇ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଝୁମର କଳାକାରମାନେ ଅଂଶଗ୍ରହଣ କରିଥିଲେ। ସୁନ୍ଦର ପରିବେଷଣ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମ୍ୟାନ୍ ଅଫ୍ ଦି ସିରିଜ କୃତି କଳାକାରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କମିଟିର ସଦସ୍ୟ ପ୍ରଶାନ୍ତ, ବିକି, ପ୍ରାଣକୃଷ୍ଣ, ମୁକେଶ,ରଜତ, ଅମିତ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରଥିଲେ।

# ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ

ଭଦ୍ରକ, ୧୦।୧୨ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ରାଣୀତାଲଠାରେ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ୪୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାହିତ୍ୟିକ ରବୀନ୍ଦ୍ର କୁମାର ଜେନା, ସମ୍ମାନିତ ଅତିଥି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଦସ୍ୟ ଅଭୟ କୁମାର ସୂତାର ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କାଳୀ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ରାଣୀପ୍ରଭା' ଓ କବି ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ 'ଧ୍ୟାନ ଓ ଯୋଗ' ପୁସ୍ତକ ଉନ୍ମୋଚନ କରାଯାଇଛି। ଯୋଗୀ ଦଶରଥ ପଣ୍ଡା ପୁସ୍ତକର ସମୀକ୍ଷା କରିଥିଲେ। କବି ଗୋଲକ ପ୍ରସାଦ ବୈୟାରୀଙ୍କୁ କାବ୍ୟଭାରତୀ ଲକ୍ଷ୍ମୀଧର ମିଶ୍ର ସମ୍ମାନ, ବଙ୍କବିହାରୀ ରାଉତଙ୍କୁ ସମାଜସେବୀ ଶଙ୍କର୍ଷଣ


ଉତ୍ସବରେ ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦାଶ ସମ୍ମାନ, ଝୁରନାଲା ଖୁଣ୍ଟିଆଙ୍କୁ ଦାମୋଦର ଚୌଧୁରୀ କୃତୀ ଶିକ୍ଷକ ସମ୍ମାନ, ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ନୀଳମଣି ନାୟକ ସ୍ମୃତି ସମ୍ମାନ, ନିହାର ରଞ୍ଜନ କରଙ୍କୁ ସାଳନ୍ଦୀ ସମ୍ମାନ, ଆୟୁଷ ଦାଶଙ୍କୁ କରୋନା ଯୋଦ୍ଧା ଡ. ନରହରି ବେହେରା ରାଣୀତାଲ ସମ୍ମାନ ଓ ମେଧାବୀ ଛାତ୍ର ପ୍ରତ୍ୟୁଷ ରଞ୍ଜନ ଶୁକ୍ଳଙ୍କୁ ପୂର୍ଣ୍ଣଚନ୍ଦ୍ର ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଷଦର ସଭାପତି ବିମ୍ବାଧର ବେହେରା ସଭାପତିତ୍ୱ ଓ କାର୍ଯ୍ୟକାରୀ ସଭାପତି ଭାଗୀରଥି ନାୟକ ପରିଚାଳନା କରିଥିଲେ। ଅଟଳ ବାରିକ ଅତିଥି ପରିଚୟ ଦେଇଥିବା ବେଳେ ସମ୍ପାଦକ ତପନ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ମିଶ୍ର ଓ ମନୋରମା ରାୟଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଅଧିବକ୍ତା କରୁଣାକର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ଷାବାସ କରୁନାହାନ୍ତି ମାଙ୍କଡ଼, ଷଣ୍ଢ

## ଚାଷୀ ହଇରାଣ, ଶୁଣୁନି ବନ ବିଭାଗ

ଭୋଗରାଇ, ୧୦।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଛି ମାଙ୍କଡ଼ ଓ ଷଣ୍ଢଙ୍କ ଉତ୍ପାତ। ବାଡ଼ି ବଗିଚାରେ ପଶି ଚାଷୀଙ୍କ ଫସଲ ଖାଇ ନଷ୍ଟ କରିଦେଉଛନ୍ତି। ରକ୍ଷାବାସ କରୁନାହାନ୍ତି। ବନ ବିଭାଗକୁ ଜଣାଇଲେ ମଧ୍ୟ କିଛି ଲାଭ ହେଉନି। କ'ଣ କରିବେ ସେହି ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତ ଦେଲେଣି।

ସମୁଦ୍ରକୂଳ ଅଞ୍ଚଳ ପ୍ରତ୍ୟେକ ଗ୍ରାମରେ ଏବେ ମାଙ୍କଡ଼ପଲ ଗଛରେ ରହୁଛନ୍ତି। ଖାଦ୍ୟାଭାବ ଯୋଗୁ ମାଙ୍କଡ଼ ଲୋକଙ୍କ ଘରେ ଓ ଦୋକାନରେ ପଶିଯାଉଛନ୍ତି। ଘଉଡାଇଲେ ଦାନ୍ତ ଖିଁ ଖିଁ


ମାଙ୍କଡ଼ କାମୁଡାରେ ଗୁରୁତର ମହିଳା ବାଲେଶ୍ୱର ଡାକ୍ତରଖାନରେ ଚିକିତ୍ସାରତ।

କରି କାମୁଡି ଗୋଡାଉଛନ୍ତି। ରାସ୍ତାରେ ବାଇକ ଆରୋହୀଙ୍କୁ ଦେଖିଲେ ଉପରକୁ ଡେଉଁଛନ୍ତି। ଏହାସହ ଭୋଗରାଇ ବ୍ଲକର ପ୍ରତ୍ୟେକ ଗ୍ରାମରେ ୫ରୁ ୧୦ ଷଣ୍ଢ ବିଚରଣ କରି ବନ୍ଧ ବାଡ଼ ଭାଙ୍ଗି ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରିଦେଉଛନ୍ତି। ମାଙ୍କଡ଼ ଓ ଷଣ୍ଢଙ୍କ ଉତ୍ପାତର ପ୍ରତିକାର ପାଇଁ ପ୍ରାକ୍ତନ ମନ୍ତ୍ରୀ ତଥା ଭୋଗରାଇ ବିଧାୟକ ବିଧାନସଭାରେ ବାରମ୍ବାର ପ୍ରଶ୍ନ ଉତ୍ଥାପନ କରିଥିବା ବେଳେ କୌଣସି ସୁଫଳ ମିଳିନି। ଏସବୁ ସମସ୍ୟା ଲାଗି ଚାଷୀ ଦିନକୁ ଦିନ ଚାଷ ପ୍ରତି ମୁହଁ ମୋଡୁଥିବା ବେଳେ ଆର୍ଥିକ ସ୍ଥିତି ବିଗିଡ଼ିବାରେ ଲାଗିଛି। ମାଙ୍କଡ଼ କାମୁଡ଼ାରେ ବାଟଗ୍ରାମ ଗ୍ରାମର ଗୌରାଙ୍ଗ ଧଳଙ୍କ ସ୍ତ୍ରୀ ସୁମତୀ ଧଳ ଶନିବାର ଗୁରୁତର ଆହତ ହୋଇ ବାଲେଶ୍ୱର ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

# ନୃତ୍ୟ ପରିବେଷଣ କଲେ ଅନ୍ତେବାସୀ

## କାରା ଦିବସ

କେନ୍ଦୁଝର, ୧୦।୧୨(ଦୀପକ ମିଶ୍ର)

କେନ୍ଦୁଝର ଜିଲା କାରାଗାରରେ ଓଡ଼ିଶା କାରାଗାର ଦିବସ-୨୦୨୩ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡ. ବିଭୂତି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ତେବାସୀମାନଙ୍କୁ ଆପରାଧିକ କାର୍ଯ୍ୟକଳାପ ପରିତ୍ୟାଗ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କେନ୍ଦୁଝର ଡେଭଲପମେଣ୍ଟ କମିଟି ଅଧ୍ୟକ୍ଷ ଡ. ସନ୍ଦୀପ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜେଲରୁ ଖଲାସ ହୋଇ ଜିଲାର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଅନ୍ତେବାସୀମାନଙ୍କୁ କହିଥିଲେ। ଅଧିକାରୀ ଶ୍ରୀନିବାସ ପୃଷ୍ଟି ଏବଂ ସ୍ୱସ୍ତି ଫାଉଣ୍ଡେଶନର ଭକ୍ତବତ୍ସଳ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜେଲ ଅଧୀକ୍ଷକ ସ୍ୱାଗତ ଭାଷଣ ପ୍ରଦାନ ଓ ଜେଲର ମନସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜେଲ ର କାରାମଙ୍ଗଳ ଅଧିକାରିଣୀ ପୂଜା ନାଏକ ସଭା ପରିଚାଳନା କରିଥିଲେ। ଏହି ସମାରୋହରେ ଜେଲର ଉଭୟ ମହିଳା ଓ ପୁରୁଷ ଅନ୍ତେବାସୀ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କ ଦ୍ୱାରା ସମ୍ବଲପୁରୀ, ମୁଣ୍ଡା ଓ ସାନ୍ତାଳ ନୃତ୍ୟ ପରିବେଷଣ କରାଯାଇଥିଲା। କାରା ଦିବସ ଉପଲକ୍ଷେ ଅନ୍ତେବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଅନ୍ତେବାସୀମାନେ ଅତିଥିଙ୍କଠାରୁ ପୁରସ୍କାର ରାଶି ଏବଂ ମାନପତ୍ର ଗ୍ରହଣ କରିଥିଲେ।



କେନ୍ଦୁଝର ଜେଲରେ କାରା ଦିବସ ପାଳନ ଅବସରରେ ପୁରସ୍କୃତ କରାଯାଉଛି।

# ୨ ପ୍ରକଳ୍ପ ଲାଗି ଖର୍ଚ୍ଚ ହେବ ୧୦୦ କୋଟି

## ସମାକୋଇ ନଦୀରେ ଅନ୍ତଃ ଜଳାଶୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ତେଲକୋଇ,୧୦।୧୨(ରଞ୍ଜିତ ବିଶ୍ୱାଳ)

କେନ୍ଦୁଝର ଜିଲା ତେଲକୋଇସ୍ଥିତ ସମାକୋଇ ନଦୀ ମଧ୍ୟରେ ଏକ ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ଲାଗି ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରେମାନନ୍ଦ ନାୟକ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରେଙ୍ଗାଳି ଜଳ ସଂରକ୍ଷଣ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ଅନୁମୋଦିତ ହୋଇଥିବା ବେଳେ ଏଥି ପାଇଁ ବିଭାଗ ପକ୍ଷରୁ ୪୧ କୋଟି ୪୧ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଏମ୍.ଏସ୍ ଇନ୍ଦ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ ନାମକ ଠିକା ସଂସ୍ଥା ବିଭାଗ ସହିତ ଚୁକ୍ତି ସ୍ୱାକ୍ଷର ହୋଇଛି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ସହକାରୀ ଯନ୍ତ୍ରୀ ଶଙ୍କରାନନ୍ଦ ରଣା, ପିଏମ୍ସି ଗଗନ ବିହାରୀ ଦାସ, ୧୯ନଂ. ଜୋନ ଜିଲା ପରିଷଦ ସଦସ୍ୟ ଛଇଳବାଳା


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନାୟକ, ୨୦ନଂ. ଜିଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ବିଜେଡି ବ୍ଲକ ସଂଯୋଜକ ଲଳିତ ମୋହନ ପ୍ରଧାନ, ଏମ୍ପିଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ପ୍ରଧାନ, ବିଜେଡି ବ୍ଲକ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ତେଲକୋଇ ସରପଞ୍ଚ ରଶ୍ମିତା ନାୟକ, ସମିତି ସଭ୍ୟ ରଙ୍ଗାଧର ଓରାମ, ବିଜେଡି ମହିଳା ସଭାନେତ୍ରୀ ପୁଷ୍ପଲତା ଆପଟ, ବିଜେଡି ସଂଗଠକ କମଳାକାନ୍ତ ଥିଅ, ଠିକା ସଂସ୍ଥାର ମୁଖ୍ୟ ଦୟା ଶଙ୍କର ଚାଟାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ତେବେ ତେଲକୋଇ ବ୍ଲକରେ ସମାକୋଇ ନଦୀର ତେଲକୋଇ ସଦର ମହକୁମା ଓ ସନ୍ତେଇ ଭଞ୍ଜଠାରେ ୨ ଅନ୍ତଃ ଜଳାଶୟ ପ୍ରକଳ୍ପ ନିର୍ମାଣ ହେବ ବୋଲି କୁହାଯାଇଛି। ସନ୍ତେଇ ଭଞ୍ଜରେ ହେବାକୁ ଥିବା ପ୍ରକଳ୍ପ ପାଇଁ ବିଭାଗ ପକ୍ଷରୁ ୪୮ କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟ ହୋଇଛି। ସମାକୋଇ ନଦୀରେ ଦୁଇଟି ଅନ୍ତଃ ଜଳାଶୟ ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି। ଏହି ପ୍ରକଳ୍ପ ନିର୍ମାଣ ପରେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳର ପରିମାଣ ବୃଦ୍ଧି ପାଇବା ସହିତ ଲୋକେ ଗଚ୍ଛିତ ଜଳକୁ ଚାଷ କାର୍ଯ୍ୟରେ ବ୍ୟବହାର କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି।

## ମହୁମାଛି ଆକ୍ରମଣରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ):ମହୁମାଛି ଆକ୍ରମଣରେ ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହରିଚନ୍ଦନପୁର ବ୍ଲକ ସାନକମଣ୍ଡରା ଗ୍ରାମର ଭିକାରୀ ଜୁଆଙ୍ଗ(୮୦)। ସେ ଶନିବାର ଘର ନିକଟ ବଡକାଇଁଝରକୁ ଗାଧୋଇବାକୁ ଯାଇଥିଲେ। ପାଖରେ ଥିବା ଏକ ଗଛରେ ବସା ବାନ୍ଧିଥିବା ମହୁଫେଣା ଉପରେ ଶୁଖିଲା ଡାଳ ପଡ଼ିବାରୁ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଜବତ

ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଝୁଆଳ) ,୧୦।୧୨– ଉଦଳା–ବାରିପଦା ୧୯ନଂ. ରାଜ୍ୟ ରାଜପଥରେ ବେଆଇନ ଗୋରୁ ଚାଲାଣ ହେଉଥିବା ବେଳେ ଖୁଣ୍ଟା ପୋଲିସ ୭ ଗୋରୁ ଉଦ୍ଧାର କରିବା ସହ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ରବିବାର ଉକ୍ତ ରାସ୍ତାରେ ଉଦଳା ହାଟରୁ ଗୋରୁ ବୋଝେଇ କରି ଭ୍ୟାନ୍ ଆସୁଥିବା ବେଳେ ଖୁଣ୍ଟା ଥାନା ଅଧୀନ ଟିଂଆ ଛକ ନିକଟରେ ପୋଲିସ ଜବତ କରିଥିଲା। ଉଦ୍ଧାର ଗୋରୁଗୁଡ଼ିକୁ ବାଲେଶ୍ୱରସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୩୬୪/୨୩) ରୁଜୁ କରି ଗାଡ଼ି ଚାଳକ ବଡ଼ସାହି ଥାନା ଅଞ୍ଚଳର ରାମଚନ୍ଦ୍ର ବେହେରା ଓ ତାଙ୍କ ସହଯୋଗୀ ଡୁକୁରା ଅଞ୍ଚଳର ସୁମନ୍ତ ବେହେରାଙ୍କୁ କୋର୍ଟ ଚାଲାଣ କରିଛି।

### ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

ଜଳେଶ୍ୱର,୧୦।୧୨(ରବିନାରାୟଣ ପାତ୍ର)–ଜଳେଶ୍ୱର ବ୍ଲକ ଅଧୀନ ବର୍ତ୍ତନା ପଞ୍ଚାୟତ ଷୋଳଷଣ୍ଡା ଗ୍ରାମର କାହ୍ନୁଚରଣ ଜେନାଙ୍କ ୧୦ବର୍ଷର ଝିଅ ଶ୍ରଦ୍ଧାଞ୍ଜଳିଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ଶ୍ରଦ୍ଧାଞ୍ଜଳି ଘରପାଖ ଧାନବିଲକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡିବା ପରେ ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ଜିକେ ଭଞ୍ଜର ହସ୍‌ପିଟାଲକୁ ନିଆଯାଇଥିଲା ବେଳେ ସେଠାରେ ସାମାନ୍ୟ ଚିକିତ୍ସା କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଏକ ବେସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଶ୍ରଦ୍ଧାଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା।

### ବିଧାୟକଙ୍କ ଟାଟୁ ଆଙ୍କି ଚର୍ଚ୍ଚାରେ ମନୋଜ

ଖଇରା,୧୦।୧୨(ଉତ୍କଳବନ୍ଧୁ ପଣ୍ଡା)– ସାଧାରଣତଃ ଆଜିର ଯୁବଗୋଷ୍ଠୀ ମଧ୍ୟରେ ଶରୀରରେ ଟାଟୁ ଆଙ୍କିବା ଏକ ଫ୍ୟାଶନ ପାଲଟିଗଲାଣି । ଆଇକନ ଭାବେ ସେମାନଙ୍କର କୌଣସି ହିରୋ



କିମ୍ବା ହିରୋଇନଙ୍କ ଟାଟୁ ଆଙ୍କିବା ଏକ ସାଧାରଣ ଘଟଣା ପାଲଟିଗଲାଣି । ହେଲେ ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ ଗୋପାଳବେଡ଼ା ଗ୍ରାମର ଜଣେ ଯୁବକ ଛାତିରେ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଟାଟୁ ଆଙ୍କି ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଯୁବକଙ୍କ ନାମ ମନୋଜ କୁମାର ରାଉତ। ବାଙ୍ଗାଲୋରରେ ରହୁଥିବା ଏହି ଯୁବକ ଏବେ ନିକଟରେ ଘରକୁ ଆସିଥିବା ବେଳେ ବିଧାୟକଙ୍କ ଟାଟୁ ଛାତିରେ ଆଙ୍କିଥିବା ପ୍ରକାଶ କରିଛନ୍ତି। ଏବେ ଏହି ଟାଟୁ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଜୋରଦାର ଭାଇରାଲ ହେବାରେ ଲାଗିଛି।

# ଜଳିଗଲା ୨୦ ଏକରରୁ ଊର୍ଦ୍ଧ୍ୱ ଧାନକିଆରି

ଜଳେଶ୍ୱର,(ରବିନାରାୟଣ ପାତ୍ର)/ରାଇବଣିଆ(ନବୀନ ସାହୁ), ୧୦।୧୨

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ସୁଗୋ ପଞ୍ଚାୟତ ବାଣିଦା ଗାଁରେ ରବିବାର ମଧ୍ୟାହ୍ନରେ ନିଆଁ ଲାଗି ୨୦ ଏକରରୁ ଊର୍ଦ୍ଧ୍ୱ ଧାନ କିଆରି ଜଳିଯାଇଛି। ନିଆଁ ଲାଗିବା ସମ୍ପର୍କରେ କେହି ଜାଣିବା ପୂର୍ବରୁ ବହୁ ଜମିକୁ ବ୍ୟାପିଯାଇଥିଲା। ଦମକଳ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଧାନକିଆରି ବର୍ତ୍ତି ପାରି ନ ଥିଲା ।

ଜମିରେ ନିଆଁ ଲାଗିବା ଫଳରେ ବାଣିଦା ଗ୍ରାମର ଅକ୍ଷୟ ଦାସ, ହରେକୃଷ୍ଣ ରଣା, ସଞ୍ଜୟ କୁମାର ଦାସ, ସୁନୀଲ ମହାନ୍ତି, ରାମକୃଷ୍ଣ ଦାସ, ଲକ୍ଷ୍ମଣ ଦାସ, ସଞ୍ଜୀବ ଦାସ ଏବଂ ଲାମ୍ପ ଗ୍ରାମର ଗୌରମୋହନ ଦାସ, ଟିଟୁ ପାତ୍ର, ଜୀବନ ପାତ୍ର, ନିମାଇଁ ମହାନ୍ତି, ମାଳତୀ ମହାନ୍ତି ଓ ତପନ ମହାନ୍ତି ପ୍ରମୁଖ ଚାଷୀ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ଏହାସହିତ ନିକଟସ୍ଥ ଜମିର ଧାନଗଛଗୁଡିକ ପ୍ରଭାବିତ ହୋଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାର ଧାନ ନଷ୍ଟ ହୋଇଥିବାରୁ କ୍ଷତିପୂରଣ, ଋଣ ଛାଡ କରିବାକୁ କୃଷକ ଉନ୍ନୟନ ଓ ସୁରକ୍ଷା ମଞ୍ଚର ପଲ୍‌ଟୁ ଦାସ ଓ ବିନୟ ମହାନ୍ତି ଦାବି କରିଛନ୍ତି।



# ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ୧୫୦ ଛାତ୍ରୀଛାତ୍ର

ବାଲେଶ୍ୱର, ୧୦।୧୨(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଓଡ଼ିଶା ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ନିର୍ଦ୍ଦେଶରେ ବାଲେଶ୍ୱର ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ରବିବାର ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନସ୍ୱିନୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ସାଧାରଣ ବିଦ୍ୟାଳୟ, ଭିନ୍ନକ୍ଷମ ବିଦ୍ୟାଳୟ ଓ ଶିଶୁ ଯତ୍ନ ଅନୁଷ୍ଠାନର ମୋଟ୍ ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ, ରେମୁଣା ଡାଏଟର ପୂର୍ବତନ ଆର୍ଟ ଶିକ୍ଷକ ବ୍ରଜନାରାୟଣ ଷଡ଼ଙ୍ଗୀ ଏବଂ ବାଗୁଡ଼ି ଜବାହର ନବୋଦୟ ବିଦ୍ୟାଳୟର ଆର୍ଟ ଶିକ୍ଷକ ଧର୍ମପଦ ବିଶ୍ୱାଳ ଯୋଗଦେଇ କୃତୀ ପିଲାମାନଙ୍କର ମାନ ନିର୍ଦ୍ଧାରଣ କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟିରେ ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଏବଂ ଅନ୍ୟାନ୍ୟ ସଦସ୍ୟାସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନେ ସକ୍ରିୟ ଭୂମିକା ଗ୍ରହଣ କରି ଏହି ଚିତ୍ରକଳା ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଏହି ଚିତ୍ରକଳା ପ୍ରତିଯୋଗିତା ମୋଟ୍ ୫ଟି ବର୍ଗରେ ଅନୁଷ୍ଠିତ ହୋଇଥିବା ବେଳେ ତନ୍ମଧ୍ୟରୁ ସାଧାରଣ ପିଲାଙ୍କ ପାଇଁ ୩ଟି ବର୍ଗ ଓ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଦୁଇଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୫ବର୍ଷରୁ ୧୮ବର୍ଷ ପିଲାମାନଙ୍କ ମଧ୍ୟରେ ଥିବା ଚିତ୍ରକଳାର ପ୍ରତିଭାକୁ ବିକଶିତ କରିବା ପାଇଁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ।

# ସୋର କୋର୍ଟ ତରଫରୁ ବିଶ୍ୱ ମାନବାଧିକାର ଦିବସ

ସୋର, ୧୦।୧୨(ଜନ୍ମେଜୟ ମିଶ୍ର)

ତାଲୁକ ଆଇନ ସେବା କମିଟି ତରଫରୁ ବିଶ୍ୱ ମାନବାଧିକାର ଦିବସ ନଟାପଡା ପୁରୁଷୋତ୍ତମ ମଧ୍ୟଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ସୋର କୋର୍ଟର ସିନିୟର ସିଭିଲ ଜଜ୍, ଆସିଷ୍ଟାଣ୍ଟ ସେସନସ ଜଜ୍ ତଥା ସୋର ତାଲୁକ ଆଇନ ସେବା କମିଟିର ଚେୟାରମ୍ୟାନ ଶୀଲା ପ୍ରିୟଦର୍ଶିନୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକାର ମାନବାଧିକାର ସୁରକ୍ଷା ଓ ନ୍ୟାୟିକ ବ୍ୟବସ୍ଥାର ସୁବିଧାସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ସୋର କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତି ପଟ୍ଟନାୟକ ବିଭିନ୍ନ ପ୍ରକାର ଉଦାହରଣ ପ୍ରଦାନ କରି ମାନବାଧିକାର ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସଭାରେ ଆଇନଜୀବୀ କାହ୍ନୁଚରଣ ବେହେରା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ। ରିମାଣ୍ଡ ଓକିଲ ସସ୍ମିତା ବାରିକ ଓ ଆଇନଜୀବୀ ଧୀରେନ୍ଦ୍ର କୁମାର ଦାସ ଲିଗାଲ ଏଡ୍ ସେବା ବିଷୟରେ କହିଥିଲେ। ସମାଜସେବୀ ପ୍ରସନ୍ନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଲିଗାଲ ଏଡ କର୍ମଚାରୀ ଜ୍ୟୋତିପ୍ରକାଶ ସେଠୀ, ବିଶ୍ୱରଞ୍ଜନ ବାରିକ, ଲିଗାଲ ଏଡ ସ୍ୱେଚ୍ଛାସେବୀ ଶଶୀକାନ୍ତ କର, ଲମ୍ବୋଦର ମହାଳିକ ପ୍ରମୁଖ ସହଯୋଗ କରିଥିଲେ ।

# ଗାନ୍ଧୀ ବାଳାଶ୍ରମ ପରିଦର୍ଶନ କଲେ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା

ଭଦ୍ରକ, ୧୦।୧୨(ସନାତନ ରାଉତ)

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ଜେନା ଶନିବାର ଭଦ୍ରକ ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିଦର୍ଶନ କରିବା ସହ ଏଠାରେ ଆୟୋଜିତ ଶିଶୁ ମନୋଭାବନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବାଳାଶ୍ରମ ସଭାଗୃହରେ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ଦାସଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ସଦସ୍ୟ ଅମର କୁମାର ବାରିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, କିଶୋର ନ୍ୟାୟ ପରିଷଦର ବନମାଳୀ ଜେନା, ଶିଶୁ ସୁରକ୍ଷା ବିଭାଗର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଶିଶୁମାନଙ୍କ ମନ ଭିତରେ ଥିବା ଇଚ୍ଛା, ଭାବନାକୁ ପ୍ରକାଶ କରିବା ସହ ଶିଶୁମାନେ କିପରି ଆଗକୁ ବଢ଼ିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ ସୁବ୍ରତ ଦାସଙ୍କୁ 'ଶିଶୁ ସାଥୀ ସମ୍ମାନ– ୨୦୨୩'ରେ ସମ୍ମାନିତ କରାଯାଇଛି। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅନ୍ତେବାସୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସଭା ପ୍ରାରମ୍ଭରେ ଗାନ୍ଧୀ ବାଳାଶ୍ରମ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମତିଥିରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା। ଆଶ୍ରମର ପରାମର୍ଶଦାତ୍ରୀ ସସ୍ମିତା ନାୟକ, ନିରଞ୍ଜନ ନାୟକ, ତଥାଗତ ଜେନା, ଅରବିନ୍ଦ ସେଠୀ, ଚନ୍ଦନ ସାହୁ, ରାଜେଶ ମୋହିନୀ, ଝରଣା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ମନ ମୋହିଲା ଲବଣୀ ଧରା ଭଜନ ସନ୍ଧ୍ୟା

ଭଦ୍ରକ, ୧୦।୧୨ (ରବିନାରାୟଣ ଖିଲାର)

### ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା'ଙ୍କ ପୂଜା ମହୋତ୍ସବ

ଭଦ୍ରକର ଚୁନିଦା କ୍ଷେତ୍ରବାସୀ ପୀଠଠାରେ ସ୍ୱପ୍ନେଶ୍ୱରୀ ସନ୍ତୋଷୀମା'ଙ୍କ ୩ୟ ବାର୍ଷିକ ପୂଜା ମହୋତ୍ସବ ଚାଲିଛି। ତୃତୀୟ ଦିବସରେ କମିଟି ଉପଦେଷ୍ଟା ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ସଞ୍ଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ସରପଞ୍ଚ ନିରଞ୍ଜନ ମଲ୍ଲିକ, ଶିକ୍ଷକ ନେତା ପ୍ରଭାକର ପରିଡ଼ା, ବାବୁଲା ରାଉତ, ଖବରଦାତା ସନ୍ତୋଷ ଦାସ, ପୂର୍ବତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ଯୁବନେତା ତାପସ ରାୟ, ପ୍ରଧାନଶିକ୍ଷକ ଭୀମସେନ ପରିଡ଼ା, କାହ୍ନୁଚରଣ ସାହୁ, ମହେଶ୍ୱର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। କୃତୀ କଳାକାର ଓ ଆଧ୍ୟାତ୍ମିକ ଚେତନାରେ ଜଡ଼ିତ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ତୃତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ କୁମାର ଗୌତମଙ୍କ ଦ୍ୱାରା ପ୍ରଯୋଜିତ ଏବଂ କବି, କଳାକାର ମନୋଜ ପଣ୍ଡାଙ୍କ ସଂଯୋଜନାରେ ପରିବେଷିତ 'ଲବଣୀ ଧରା ଭଜନ ସନ୍ଧ୍ୟା' ଦର୍ଶକଙ୍କ ମନ ମୋହିଥିଲା। ମନ୍ଦିର ପ୍ରତିଷ୍ଠାତା ପୀତାମ୍ବର ପରିଡ଼ା ଓ ବାସନ୍ତୀଲତା ପରିଡ଼ା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବୟିତ୍ରୀ ଦମୟନ୍ତୀ ରାଉତ ଓ ଶଶିକଳା ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ମହୋତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

# ୨୬ ବ୍ଲକର ଅଗ୍ରଣୀ ଚାଷୀ ପୁରସ୍କୃତ




ଅତିଥିଙ୍କ ସହ ପୁରସ୍କୃତ ଚାଷୀମାନେ।

ବାରିପଦା,୧୦।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ବାବୁଲାଲ ଅଗ୍ରୱାଲ ସ୍ମୃତି ସମ୍ମାନ

ମୟୂରଭଞ୍ଜ ଜିଲା ବାରିପଦାଠାରେ ବାବୁଲାଲ ଅଗ୍ରୱାଲ ସ୍ମୃତି କୃଷକ ପୁରସ୍କାର ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ୨୬ ବ୍ଲକର ଅଗ୍ରଣୀ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗ୍ରୱାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ସମ୍ମାନୀୟ ଅତିଥି ଭାବେ କେନ୍ଦ୍ରାପଡା ଜିଲାର ମୁଖ୍ୟ କୃଷି ଜିଲା ଅଧିକାରୀ ଡ. ମନୋଜ କୁମାର ଚାନ୍ଦ ଏବଂ ଫାଉଣ୍ଡେସନର ସଂଯୋଜକ ରାସେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ ବିଭାଗୀୟ ସଂଯୋଜନାରେ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କୁ ଚୟନ କରାଯାଇ ୨୪ବର୍ଷ ଧରି ବାବୁଲାଲ ଅଗ୍ରୱାଲା ସ୍ମୃତି ବାର୍ଷିକ ପୁରସ୍କାର ପ୍ରଦାନ କରାଯାଉଥିବା ଉଲ୍ଲେଖ କରିଥିଲେ।

ଜିଲା ପରିବେଶ ସମିତିର ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତି, ବାରିପଦା ପୌରାଞ୍ଚଳ ପଟ୍ଟା ବିହୀନ ବାସିନ୍ଦା ସଂଘର ସଭାପତି ନନ୍ଦ କୁମାର ମହାପାତ୍ର, ମୟୂରଭଞ୍ଜ ସାଇନ୍ସ ଫୋରମର ସଭାପତି ଅମିତାଭ ମିଶ୍ର, ଉତ୍କଳମଣି ଗୋପବନ୍ଧୁ ଶିକ୍ଷା ଓ ଶିକ୍ଷକ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସରୋଜ ନାୟକ ପ୍ରମୁଖ ବାବୁଲାଲ ଅଗ୍ରୱାଲାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୁରସ୍କୃତ ଚାଷୀଙ୍କ ମଧ୍ୟରୁ ୨ ମହିଳା ଚାଷୀ ଅପର୍ଣ୍ଣା ମହାନ୍ତ ଓ ସ୍ୱାଧୀନ ମହାନ୍ତଙ୍କ ସହ ରମେଶ ଚନ୍ଦ୍ର ଦାସବାବୁ, ଜଳେଶ୍ୱର ମହାନ୍ତ ଓ ଭାଗବତ ବିଶ୍ୱାଳ ପ୍ରମୁଖ ଚାଷ ଜମିରୁ ଉଲ୍ଲେଖନୀୟ ଭାବେ ରୋଜଗାର ହୋଇପାରୁଥିବା ନେଇ ଦର୍ଶାଇଥିଲେ। ଫାଉଣ୍ଡେସନର ସମ୍ପାଦକ ଅକ୍ଷୟ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# 'କବି ମନର ଅଭିବ୍ୟକ୍ତି କବିତାର ରୂପ ନିଏ'

ଭଦ୍ରକ,୧୦।୧୨(ସନାତନ ରାଉତ)

### ଭଦ୍ରକ ପୁସ୍ତକ ମେଳାର ୭ମ ସନ୍ଧ୍ୟା

କବି ପୃଥିବୀର ପ୍ରତିଟି ଜିନିଷକୁ ଏକ ଭିନ୍ନ ଦୃଷ୍ଟିରେ ଦେଖନ୍ତି। କବି ମନର ଅଭିବ୍ୟକ୍ତି ଶବ୍ଦର ରୂପ ନେଇ କବିତା ସୃଷ୍ଟି ହୁଏ ବୋଲି ରବିବାର ଭଦ୍ରକ ପୁସ୍ତକ ମେଳାର ୭ମ ସନ୍ଧ୍ୟାର କବିତା ଆସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନାଟ୍ୟ ନିର୍ଦ୍ଦେଶକ ଓ କବି ସାରଥି ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ତଥା ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଯୋଗଦେଇ କବିତାର ଆଙ୍ଗିକ ଶୈଳୀକୁ କବି ପ୍ରଭାବଶାଳୀ ଢଙ୍ଗରେ ଗଢ଼ିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି, ଅଧ୍ୟାପକ କିଶୋର ପାଣିଗ୍ରାହୀ ଯୋଗଦେଇ କବିତାର କମନୀୟତା ଓ ଭାବସିଦ୍ଧତା ଉପରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାବେ କବି ଡ. ଅବନୀ ପ୍ରଧାନ ଓ ରତିକାନ୍ତ ବେହେରା ଯୋଗ ଦେଇଥିଲେ। ମଞ୍ଚ ଆହ୍ୱାନ କରିଥିଲେ ନାଟ୍ୟଶିଳ୍ପୀ କାଳନ୍ଦୀ ମଲ୍ଲିକ। କବି ତଥା ସମ୍ପାଦକ ମାନସ ପଣ୍ଡା ଓ ଋତୁରାଜ ଅକ୍ଷୟଙ୍କ ସଂଯୋଜନାରେ ବହୁ କବି କବିତାପାଠ କରିଥିଲେ। ସାମାଜିକ କର୍ମୀ ବିଦ୍ୟୁତଲତା ନାୟକ, ପ୍ରାଧାପକ ପ୍ରଫୁଲ୍ଲ କୁମାର ସାହୁ, ସୁଧାକର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଗାଳ୍ପିକ କୈଳାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମାନବାଧିକାର ଦିବସ

ବଡ଼ସାହି,୧୦।୧୨( ସସ୍ମିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ରାଜସ୍ୱ ବିଭାଗ ବଙ୍ଗଳା ପରିସରରେ ବଡ଼ସାହି ବ୍ଲକ ହ୍ୟୁମାନ ରାଇଟ୍ସ ମିଶନ ଶାଖା ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଆଡ୍‌ଭୋକେଟ ମୃତ୍ୟୁଞ୍ଜୟ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖପାତ୍ର ଶଚୀନ୍ଦ୍ର କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ରଣଜିତ କୁମାର ଦାସ ଶାଖା ତରଫରୁ ବିଗତ ଦିନରେ ଅନୁଷ୍ଠିତ କାର୍ଯ୍ୟାବଳୀର ସମୀକ୍ଷା ସହ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରସ୍ତାବ ସମ୍ବନ୍ଧରେ ସୂଚନା ଦେଇଥିଲେ। ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରୁ ଅମିୟ କୁମାର ବଳ, ଡ. କୁମାର ବାବୁଲି, ଶଶିକାନ୍ତ ବାରିକ, ଆଡ୍‌ଭୋକେଟ ସୁମନ୍ତ ରାୟ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ବିଶ୍ୱ ମାନବାଧିକାର ଦିବସ ପାଳନର ତାତ୍ପର୍ଯ୍ୟ ଓ ଯଥାର୍ଥତା ସମ୍ବନ୍ଧରେ ଆଲୋଚନା କରିଥିଲେ। ସୁଧୀର କୁମାର ଜେନା ଧନ୍ୟବାଦ ଦେଇଥିଲେ।

# 'କୈବର୍ତ୍ତ ସଂସ୍କୃତି ଓ କୈବର୍ତ୍ତ ସାହିତ୍ୟ' ଲୋକାର୍ପିତ



ଅତିଥିଙ୍କ ଦ୍ୱାରା ଗବେଷଣାତ୍ମକ ପୁସ୍ତକ ଲୋକାର୍ପିତ।

ବାଲେଶ୍ୱର, ୧୦।୧୨ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଶାନ୍ତିକାନନସ୍ଥିତ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଗବେଷଣାତ୍ମକ ପୁସ୍ତକ 'କୈବର୍ତ୍ତ ସଂସ୍କୃତି ଓ କୈବର୍ତ୍ତ ସାହିତ୍ୟ' ପରିଷଦ ଉପ–ସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଉନ୍ମୋଚିତ ହୋଇଯାଇଛି।

୯୪ ବର୍ଷ ବୟସରେ ଉପନୀତ ବାଲେଶ୍ୱର କୈବର୍ତ୍ତ ସମାଜର ମୁଖ୍ୟ ତଥା ବର୍ଷୀୟାନ ସାଂସ୍କୃତିକ ବ୍ୟକ୍ତିତ୍ୱ ଅନନ୍ତ ମାଝି ପୁସ୍ତକକୁ ଉନ୍ମୋଚନ କରିବା ସହିତ କୈବର୍ତ୍ତ ସଂସ୍କୃତି ଓ ସାହିତ୍ୟ ସମ୍ପର୍କିତ ଏହି ପୁସ୍ତକର ପ୍ରକାଶନ ଅବସରରେ ସନ୍ତୋଷ ବ୍ୟକ୍ତ କରିଥିଲେ। ବିଶିଷ୍ଟ ଗବେଷକ ଡ. ମନ୍ମଥ କୁମାର ପ୍ରଧାନ ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ବକ୍ତା ଭାବରେ ଯୋଗଦେଇ ପୁସ୍ତକ ଓଡ଼ିଆ ବାଣୀଭଣ୍ଡାରକୁ ଏକ ଅମୂଲ୍ୟ ଅବଦାନ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଲେଖକଙ୍କ ପତ୍ନୀ ଡ. ହେମମାଳା ଦାଶ ଶେଷକଥା ରଖିଥିଲେ। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଯାଜପୁରକୁ ହରାଇ ପାରାଦୀପ ଚାମ୍ପିୟନ

ଉଦଳା,୧୦।୧୨(ସନ୍ତୋଷ କୁମାର ବାଛିନୀ)

### ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଉଦଳା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ–୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଯାଜପୁର ଇଲେଭେନ୍ ଷ୍ଟାର ଟିମ୍‌କୁ ହରାଇ ପାରାଦୀପର ଡିଆର୍‌ସି କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂକରି ଯାଜପୁର କ୍ଲବ ସମସ୍ତ ଉଇକେଟ ହରାଇ ୨୦୩ ରନ୍ ସଂଗ୍ରହ କରିଥିଲା। ଜବାବରେ ପାରାଦୀପ ଡିଆର୍‌ସି କ୍ଲବ ୪ ଉଇକେଟରେ ୨୦୭ ରନ୍ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ୭୬ ଏବଂ ବିଶ୍ୱଭୂଷଣ ବିହାରୀ ୩୭ ରନ୍ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସିଦ୍ଧାନ୍ତ ଜେନା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚ୍‌କୁ ପ୍ରାଣନାଥ ଜେନା ଓ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ। ଅମିୟ କୁମାର ବଳଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଡ. ଦେବାଶିଷ ମାରାଣ୍ଡି, ଡ. ମନୋରଞ୍ଜନ ମଲ୍ଲିକ, ଡ. ଭାଗବତ ବେହେରା, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବିଶ୍ୱଜିତ୍ ନାୟକ, ସବିତା ହାଁସ୍‌ଦା, ସୌଭାଗ୍ୟ ସାହୁ, ଅଶୋକ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଚାମ୍ପିୟନ ଦଳକୁ ୩୦ ହଜାର ଓ ରନର୍ସଅପ ଦଳକୁ ୨୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।




ଚାମ୍ପିୟନ ଟିମ୍‌କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ଫାଶୀ ଦେଇ ମହିଳାଙ୍କ ଆତ୍ମହତ୍ୟା**

ରୂପସା, (ବାଞ୍ଛାନିଧି ଦେ)-ବସ୍ତା ଥାନା ଅଧୀନ ବାହାର୍ଦା ଗ୍ରାମର କାଳିଚରଣ ସେଠୀଙ୍କ ସ୍ତ୍ରୀ ସୁକାନ୍ତି ପାରିବାରିକ କଳହରୁ ସେ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫୯/୨୩) ରୁଜୁ ହୋଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସେ ପୂର୍ବରୁ ୱାର୍ଡସଭ୍ୟା ଥିଲେ। ତାଙ୍କର ସ୍ୱାମୀ, ଦୁଇ ପୁଅ, ପୁଅବୋହୂ ଅଛନ୍ତି।

**ସଂକ୍ଷେପରେ**

## ୧୩ରୁ ଦ୍ୱିତୀୟ ବାର୍ଷିକ ମଇତାପୁର ମହୋତ୍ସବ

ସିମୁଳିଆ, ୧୦।୧୨(ସନ୍ତୋଷ ନାୟକ)-ଆସନ୍ତା ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ସିମୁଳିଆ ବ୍ଲକର ମଇତାପୁର ଅଞ୍ଚଳରେ ଦ୍ୱିତୀୟ ବାର୍ଷିକ ମଇତାପୁର ମହୋତ୍ସବ ମଦନମୋହନ ପଡିଆରେ ଅନୁଷ୍ଠିତ ହେବ। ଏହି ଅବସରରେ ରୟାଲ ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା । ରୟାଲ ସ୍କୁଲ ଅଧ୍ୟକ୍ଷ ତଥା ମହୋତ୍ସବ କମିଟି ସଭାପତି ଡ. ବିଷ୍ଣୁମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ପାଦକ ପଦ୍ମଲୋଚନ ଦାଶ ଗତବର୍ଷର ଉତ୍ସବ ସମ୍ପର୍କରେ ସୂଚନା ଦେବା ସହିତ ଗ୍ରାମାଞ୍ଚଳରେ ଅନୁଷ୍ଠିତ ଉତ୍ସବରେ ଦୋଳି, ଚରକି, ବୋଟିଂ ଆଦି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହିତ ଶତାଧିକ ଷ୍ଟଲରେ ବିଭିନ୍ନ ଖାଦ୍ୟ ଓ ମନୋହରି ଦୋକାନ ବଜାର ଖୋଲାଯିବାର ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ କମଳଶ୍ରୀ ମହାନ୍ତି ସମସ୍ତଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଉତ୍ସବରେ ବିଭିନ୍ନ ବିଶିଷ୍ଟ ଅତିଥିମାନେ ଯୋଗଦେବା ସହିତ ସିନେ କଳାକାର ଓ କଣ୍ଠଶିଳ୍ପୀମାନେ ମନୋରଞ୍ଜନ କରିବେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ କିରଣ କୁମାର ଧିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଔପଦା, ୧୦।୧୨(ଧରିତ୍ରୀ ପଣ୍ଡା)-ଔପଦା ବ୍ଲକ ମାଟିଗଡ଼ା ଗ୍ରାମରେ ଥିବା ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବସିବିହ୍ମା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ନାୟକ, ସାମାଜିକ କର୍ମୀ ଅଶୋକ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ନରହରି ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ କଲେଜ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ଼ ଧରି କଲେଜ ପରିସରରୁ ବାହାରି ନାରୀ ଶିକ୍ଷା, ପ୍ଲାଷ୍ଟିକ ମୁକ୍ତ, ବାଲ୍ୟବିବାହ ଉଚ୍ଛେଦ ସମ୍ପର୍କରେ ବାର୍ତ୍ତା ଦେଇ ସ୍ଥାନୀୟ ଗ୍ରାମ ପରିକ୍ରମା କରି ଔପଦା ବଜାର ମଧ୍ୟ ପରିକ୍ରମା କରିଥିଲେ। ଏହି ରାଲିରେ ଛାତ୍ରଙ୍କ ପକ୍ଷରୁ ଚକୁଳିଆ ପଣ୍ଡା ବେଶ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ଅଧ୍ୟାପକ କୈଳାଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପକ ସନାତନ ଦାଶ, କମଳ କୁମାର ବାରିକ, ଶରତ କୁମାର ମହାନ୍ତି, ପ୍ରତିମାରାଣୀ ନାୟକ, କର୍ମଚାରୀ ଗୋପାଳ ପ୍ରସାଦ ପଣ୍ଡା, ନଟବର ପାଣିଗ୍ରାହୀ, ଚିନ୍ମୟ ବେହେରାଙ୍କ ସମେତ ଛାତ୍ରୀଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ।

# ୪ମାସ ହେଲା ଚାଇଲ୍ଡଲାଇନ କାର୍ଯ୍ୟାଳୟ ବନ୍ଦ

ଖଇରା, ୧୦।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ୨୦୧୨ରେ ଖୋଲିଥିବା ଚାଇଲ୍ଡଲାଇନ କାର୍ଯ୍ୟାଳୟ ଅଗଷ୍ଟରୁ ବନ୍ଦ ରହିଛି । ଫଳରେ ଶିଶୁ ଶ୍ରମିକ, ନାବାଳିକା ବିବାହ, ଶିଶୁ ନିର୍ଯାତନା, ନାବାଳିକା ଓ ଯୁବତୀ ଚାଲାଣ ଆଦି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ସେପଟେ ଏପର୍ଯ୍ୟନ୍ତ ଅଫିସ ପୁନଃ କାର୍ଯ୍ୟକ୍ଷମ ଦାବି ସରକାର ତଥା ଅଦାଲତରେ ଝୁଲି ରହିଥିବାରୁ ପୂର୍ବରୁ କାର୍ଯ୍ୟ କରୁଥିବା କର୍ମଚାରୀମାନେ ନିଜର ଅକ୍ଷମତା ପ୍ରକାଶ କରି ମୌନ ରହୁଥିବାରୁ ନିରୀହ ଶିଶୁମାନଙ୍କ ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଉଛି । ବିଭିନ୍ନ ହେଟେଲ, ରାସ୍ତା କାମ, ଦୋକାନ ଆଦିରେ ନିୟୋଜିତ ବାଳଶ୍ରମିକଙ୍କ ସଂଖ୍ୟା ହୁ ହୁ ହୋଇ ବଢି ଚାଲିଥିବା ବେଳେ ଏହା ଅଙ୍କୁଶ ଲଗାଇବାକୁ କେହିନାହିଁ । ତୁରନ୍ତ ସରକାର ଏ ସମ୍ପର୍କରେ ଚାଇଲ୍ଡକେନ୍ଦ୍ରଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାଇ ଶିଶୁମାନଙ୍କ ପ୍ରତି ନ୍ୟାୟ ପ୍ରଦର୍ଶନ କରିବାକୁ ସାଧାରଣରେ ଦାବି କରାଯାଇଛି।



ବର୍ତ୍ତନା ବଜାରରୁ ଉଦ୍ଧାର ଶିଶୁକୁ ଗ୍ରାମବାସୀ ହସ୍ତାନ୍ତର ପାଇଁ ବାଲେଶ୍ୱର ଯାଉଛନ୍ତି ।

ଶିଶୁମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୨୦୧୨ରେ ଖଇରାଠାରେ ଚାଇଲ୍ଡ ଲାଇନ କାର୍ଯ୍ୟାଳୟ ଖୋଲାଯାଇଥିଲା । ଖଇରା କାର୍ଯ୍ୟାଳୟ ଅଧୀନରେ ୬ଟି ବ୍ଲକ ଓ ୯ଟି ଥାନା ରହିଥିବା ବେଳେ କର୍ମଚାରୀମାନେ ଟୋଲ ଫ୍ରି ନମ୍ବରକୁ ଫୋନ ଆସିବା ମାତ୍ରେ ଦିନ ହେଉ କି ରାତି ହେଉ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଶିଶୁ ଉଦ୍ଧାର ହେଉ କି ନାବଳିକା ବିବାହ ବନ୍ଦ ହେଉ ଏଗୁଡିକର ଆଶୁ ସମାଧାନ କରୁଥିଲେ। ହେଲେ ସରକାର ଅଗଷ୍ଟ ୩୧ ତାରିଖରୁ ଏହି କେନ୍ଦ୍ରଗୁଡ଼ିକୁ ବନ୍ଦ କରିଦେବା ପରେ ପୁଣିଥରେ ପୁରୁଣା ଶିଶୁ ସମସ୍ୟା ମୁଣ୍ଡ ଟେକିବା ଆରମ୍ଭ କରିଛି। ଖଇରା, ସୋର, ମାର୍କୋଣା, ବାହାନଗା, ଔପଦା ଆଦି ସହର ତଥା ବଜାରଗୁଡିକରେ ଶିଶୁ ଶ୍ରମିକ ନିୟୋଜନ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି । ସେହିଭଳି ଏବେ ବାହାଘର ଋତୁ ଆରମ୍ଭ ହୋଇଯାଇଥିବା ବେଳେ ନାବାଳିକା ବିବାହ ମଧ୍ୟ ସମାନ ପରିମାଣରେ ବୃଦ୍ଧି ପାଉଛି । ବିଭିନ୍ନ ରାଜ୍ୟକୁ ନାବାଳିକା ଚାଲାଣ ପୁଣି ଥରେ ଆରମ୍ଭ ହୋଇଯାଇଥିବା ଅଭିଯୋଗ ହୋଇଛି। ସେହିଭଳି ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ରାସ୍ତା ନିର୍ମାଣରେ ଶହ ଶହ ସଂଖ୍ୟାର ଶିଶୁ ଶ୍ରମିକ କାମ କରୁଥିଲେ ହେଁ ଏହା ଉପରେ କାହାରି ଅଙ୍କୁଶ ରହୁନାହିଁ । ଘଟଣାକ୍ରମେ ୩ତାରିଖ ରାତିରେ ଖଇରା ଥାନା ଅଧୀନ ବର୍ତ୍ତନା ବଜାରରେ ରାତି ୮ଟାରେ ଗୋଟିଏ ୪ବର୍ଷର ପିଲା କାନ୍ଦୁଥିବା ବେଳେ ବଜାରବାସୀ ଖଇରା ଚାଇଲ୍ଡଲାଇନକୁ ଖବର ଦେଇଥିଲେ। ଚାଇଲ୍ଡଲାଇନ ଅକ୍ଷମତା ପ୍ରକାଶ କରିବା ପରେ ୨ଦିନ ଅପେକ୍ଷା କରି ଶେଷରେ ସ୍ଥାନୀୟ ଗ୍ରାମର ବିଷ୍ଣୁ ଦାସ, ସମିତିସଭ୍ୟା ପ୍ରତିନିଧି ପତିତପାବନ କର, ସ୍ଥାନୀୟ ଖବରଦାତା ଶମ୍ଭୁନାଥ ନାୟକ ପ୍ରମୁଖ ପିଲାଟିକୁ ଧରି ୬୦କି.ମି. ଦୂରତା ଅତିକ୍ରମ କରି ବାଲେଶ୍ୱର ଶିଶୁ ମଙ୍ଗଳକମିଟିରେ ପିଲାକୁ ହସ୍ତାନ୍ତର କରିଥିଲେ। ୪ ମାସରେ ଏହିଭଳି ୩୦ରୁ ଅଧିକ ଘଟଣା ଘଟିଯାଇଥିବା ବେଳେ ବହୁ ସ୍ଥାନରେ ଗ୍ରାମବାସୀ ଫୋନ କରି ବିଫଳ ହେବା ପରେ ଚୁପ ହୋଇ ରହୁଥିବାରୁ ନିରୀହ ଶିଶୁମାନେ ନ୍ୟାୟରୁ ବଞ୍ଚିତ ହେଉଥିବା ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହୋଇଛି ।

## ରୂପ୍‌ସାରେ ବିଶ୍ୱ ମଙ୍ଗଳ ଅଖଣ୍ଡ ଶାନ୍ତି ମହାଯଜ୍ଞ



ସାଧୁମାନେ ଭଜନ ପରିବେଷଣ କରୁଛନ୍ତି।

ରୂପ୍‌ସା, ୧୦।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ରୂପସା ପାଟପୁର ବଜାର ଶ୍ରୀ ପଞ୍ଚମୀ ପଡ଼ିଆରେ ଅଖଣ୍ଡ ଭାରତ ହିନ୍ଦୁ ମହାମଞ୍ଚ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ମଙ୍ଗଳ ଅଖଣ୍ଡ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦେପଡ଼ା ଅନ୍ତରଙ୍ଗ ମହିମା ଧର୍ମ ଆଶ୍ରମର ସାଧୁ ଶ୍ରୀ ଗୁଣାକର ଦାସଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟ, ଧୂନି ଜାଗରଣ ଓ ପତାକା ଉତ୍ତୋଳନ ହୋଇଥିଲା। ଶିଳଦା ଅଲେଖ ଆଶ୍ରମର ସାଧୁ ବାବୁରାମ ଦାସ ଓ ସୁଦର୍ଶନ ଦାସ, କଟକ ଅନ୍ତରଙ୍ଗ ମହିମା ଧର୍ମ ଆଶ୍ରମର ସାଧୁ ସୁର ଦାସ ଓ ଉମାକାନ୍ତ ଦାସ ପ୍ରମୁଖ ମହାଯଜ୍ଞରେ ଉପସ୍ଥିତ ରହି ହିନ୍ଦୁ, ସନାତନ ଧର୍ମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାଧୁମାନଙ୍କ ଦ୍ୱାରା ପ୍ରଭାତ ଅବକାଶ ପଠନ ପରେ ଧୂନି ଜାଗରଣ ଓ ପତାକା ଉତ୍ତୋଳନ ହୋଇଥିଲା। ଏହି ଅବସରରେ ପଞ୍ଚକୁଆଁରୀଙ୍କୁ ବନ୍ଦାପନା ପୂର୍ବକ ଏକ ବିଶାଳ ଶୋଭାଯାତ୍ରାରେ ଘଟୋତ୍ତଳନ କରାଯାଇଥିଲା। ଏହାପରେ ପଞ୍ଚ ଅଖଣ୍ଡ ଜାଗରଣ ଓ ମହାଯଜ୍ଞ ଶୁଭାରମ୍ଭ ହୋଇଥିଲା। ଅହୋରାତ୍ର ନାମ ଭଜନ, ଜଣାଣ, କୀର୍ତ୍ତନ ସହ ଚାରିପ୍ରହର ଆହୂତି ପ୍ରଦାନ ପରେ ପୂର୍ଣ୍ଣାହୂତି ପୂର୍ବକ ଯଜ୍ଞ ସମାପନ କରାଯାଇଥିଲା। ମହାମଞ୍ଚର କର୍ମକର୍ତ୍ତା ରମେଶ ଚନ୍ଦ୍ର ଦାସ, ଶାନ୍ତନୁ ନାୟକ, ବିରଞ୍ଚି ଲେଙ୍କା, କରୁଣାକର ବେହେରା, ମନ୍ମଥ ବେହେରା, ପ୍ରଶାନ୍ତ ଦାସ, ରବୀନ୍ଦ୍ର ଦାସ, ପିଣ୍ଟୁ ବାରିକ ଓ ବାଳକା ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୧୭ ପ୍ରତିଯୋଗୀ



ପ୍ରତିଯୋଗୀମାନେ ଚିତ୍ରାଙ୍କନ କରୁଛନ୍ତି।

ଭଦ୍ରକ, ୧୦।୧୨(ସନାତନ ରାଉତ)

ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ପକ୍ଷରୁ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ ୨୧୭ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ନାରାୟଣ ଚନ୍ଦ୍ର ବେହେରା, ନିତ୍ୟାନନ୍ଦ ରାଉତ ଓ କରୁଣାକର ବାରିକ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ମୁଖ୍ୟ ସଂଯୋଜକ ଭାବେ ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପରିଚାଳନା କରିଥିବା ବେଳେ ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱାଗତିକା ବାରିକ, ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା, ଶିଶୁ ଅନୁଷ୍ଠାନର ତଥାଗତ ଜେନା, ସସ୍ମିତା ନାୟକ, ଭାଗ୍ୟଶ୍ରୀ ମହାକୁଡ଼, ସସ୍ମିତ ମହାନ୍ତି, ରିୟାଜ ଅହମ୍ମଦ ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ଜେନା ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ମନୋଜ ସାହୁ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରମାଣପତ୍ର ପ୍ରଦାନ କରାଯିବ ଓ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କ ଚିତ୍ର ରାଜ୍ୟସ୍ତରକୁ ପ୍ରେରଣ କରାଯିବ ବୋଲି ଆଇନ ପ୍ରୋବେସନ ଅଧିକାରୀ ଦାସ କହିଛନ୍ତି।

## ଆନ୍ଦୋଳନ ପାଇଁ ଗ୍ରାମ ଡାକସେବକଙ୍କ ପ୍ରସ୍ତୁତି

କେନ୍ଦୁଝର, ୧୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଦେଶର ୩ ଲକ୍ଷରୁ ଊର୍ଦ୍ଧ୍ୱ ଡାକସେବକ ସେମାନଙ୍କର ୧୦ ଦଫା ଦାବି ପୂରଣ ପାଇଁ ଆସନ୍ତା ୧୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଧର୍ମଘଟ କରିବେ। ଏହାକୁ ସଫଳ କରିବା ପାଇଁ କେନ୍ଦୁଝର ସଦର ବ୍ଲକର ନରଣପୁରଠାରେ ଗ୍ରାମ ଡାକସେବକଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଗ୍ରାମୀଣ ଡାକସେବକ ଏଥିରେ ଯୋଗ ଦେଇଥିଲେ। ଆନ୍ଦୋଳନକୁ ସଫଳ କରିବାକୁ ଆବାହକ ପୁରୁଷୋତ୍ତମ ସାହୁ ନିବେଦନ କରିବା ସହ ବିଭିନ୍ନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବଶ୍ରୀ ତୃପ୍ତିରଞ୍ଜନ ସିଂହ, ରାଜାରଞ୍ଜିତ ରାଜା, ଦେବାଶିଷ ନାୟକ, କମଳ କୁମାର ଜେନା, ଚନ୍ଦ୍ରଶେଖର ମହାରଣା, ମହେନ୍ଦ୍ର ମହାନ୍ତ, ଗୀତାଞ୍ଜଳି ମଲ୍ଲିକ, ରଶ୍ମିତା ରାୟ ବାବୁ, ପୁଷ୍ପଲତା ମହାନ୍ତ, ପୂଜାରାଣୀ ଭୂୟାଁ, ସୌମ୍ୟରଞ୍ଜନ ସାହୁ, ଆକାଶ ବଳ, ପ୍ରଦ୍ୟୁମ୍ନ ଜେନା, ମିଳନ ହାତୀ, ବିଜୟ ମହାନ୍ତ, ପ୍ରଶାନ୍ତ ସେଠୀ ପ୍ରମୁଖ ମଣ୍ଡଳସ୍ତରୀୟ କର୍ମକର୍ତ୍ତା ଭାବେ ମନୋନୀତ ହୋଇଛନ୍ତି।

## ବିକଶିତ ଭାରତ ସଂକଳ୍ପ ଯାତ୍ରା

ବେତନଟୀ,୧୦।୧୨(ଧରଣୀଧର ମହାନ୍ତି)

ବେତନଟୀ ବ୍ଲକସ୍ତରୀୟ ବିକଶିତ ଭାରତ ସଂକଳ୍ପଯାତ୍ରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅଭିଯାନରେ ଏକ ସଂକଳ୍ପରଥ ଜିଲାସ୍ତରରୁ ଆରମ୍ଭକରି ପଞ୍ଚାୟତସ୍ତରରେ ପରିକ୍ରମା କରିସାରିବା ପରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଡିଓ ନିର୍ଲିପ୍ତା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପଚନ୍ଦ୍ର ଷଡଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରମୁଖ ଯୋଗଦେଇଥିଲେ ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲମୋଡ୍‌ରେ ସାଧାରଣ ଜନତାଙ୍କ ସହିତ ସିଧାସଳଖ କଥା ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ପ୍ରଦୀପ ପରିଡା, ୩୫ନଂ. ମଣ୍ଡଳସଭାପତି ରାଜକିଶୋର ଶାହା, ୩୬ନଂ. ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ବାରିକ, ଜୀବନ ପରିଡ଼ା, କୁନା ମହାନ୍ତ, ଶିଶିର ବେହେରା, ପ୍ରଶାନ୍ତ ନାଥ, ଜଗବନ୍ଧୁ ପଣ୍ଡ, ତପନ ନାୟକ, ଖଗେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ‘ପାଠ ସହ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ରୁଚି ରହୁ’

ବାସୁଦେବପୁର,୧୦।୧୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ଯୁବ ଓଡ଼ିଶା ନବୀନ ଓଡ଼ିଶା’ ଯୋଜନାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାସୁଦେବପୁର ପୌରାଧ୍ୟକ୍ଷା ନିବେଦିତା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ପାଠ ପଢ଼ିବା ସହ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ନିଜର ରୁଚି ରଖିବା ଆବଶ୍ୟକ। କ୍ରୀଡ଼ା ଶାରୀରିକ ଓ ବୌଦ୍ଧିକ ବିକାଶ ଘଟାଇଥାଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସ୍ନିଗ୍ଧା ମହନ୍ତି ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଶୈଳବାଳା ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିଲେ। ଅଧ୍ୟାପିକା ଆରତି ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ମିଶ୍ର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ଲାଷ୍ଟିକମୁକ୍ତ ସମାଜ, ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଥିଲା। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଅଧ୍ୟାପକ ଗୋପାଳ ମହାକୁଡ଼ କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜବାବ ଦାଖଲ ପାଇଁ ପୂର୍ବତନ ବିଡିଓଙ୍କୁ ନୋଟିସ

ହାଟଡିହୀ,୧୦।୧୨(ଶୁଭକାନ୍ତ ନାୟକ)

**ହାଇକୋର୍ଟଙ୍କ ଆଦେଶ ଅବମାନନା ମାମଲା**

ଓଡ଼ିଶା ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ହୋଇ ନ ଥିବା ଏକ ମାମଲାର ଶୁଣାଣି କରି କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ପୂର୍ବତନ ବିଡିଓ ବିନିତା ବିଜୟିନୀଙ୍କୁ ଜବାବ ଦାଖଲ ପାଇ ହାଇକୋର୍ଟ ଗତ ୭ ତାରିଖରେ ନୋଟିସ ଜାରି କରିଛନ୍ତି। ତାଙ୍କ ବିରୋଧରେ କାହିଁକି କଣ୍ଟେମ୍ପଟ ଆକ୍ଟ ଅନୁସାରେ ପ୍ରସିଡିଙ୍ଗ କରା ନ ଯିବ ସେ ନେଇ ଜବାବ ଦାଖଲ ପାଇଁ କୋର୍ଟ ଆଦେଶ କରିଛନ୍ତି। ମାମଲା (ନଂ. ସିଓଏନସିସି ୬୮୭୧/୨୦୨୩)ରୁ ଜଣାପଡ଼ିଛି ଯେ, ଗତ ୨୫।୫।୨୦୨୩ରେ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ମୂଳ କେସନଂ. ଡବ୍ଲ୍ୟୁପି(ସି) ୧୬୬୪୩/୨୦୨୩ ରେ ଦିଆଯାଇଥିବା ଆଦେଶ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ ହୋଇ ନ ଥିଲା। ଫଳରେ ଅଭିଯୋଗକାରୀ ସଢ଼ା ପଞ୍ଚାୟତର ୱାର୍ଡ ମେମ୍ବର ଉମାକାନ୍ତ ଜେନାଙ୍କ ଦ୍ୱାରା ଆଉ ଏକ ମାମଲା ଦାୟର ହୋଇଥିଲା। ମାମଲାର ଶୁଣାଣି କରି ଆଦେଶ ପାଇବାର ଏକ ମାସ ମଧ୍ୟରେ ରିପୋର୍ଟ ଦେବାକୁ ଗତ ୨୦।୭।୨୦୨୩ରେ ବିଡିଓ ବିନିତା ବିଜୟିନୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଉଲ୍ଲେଖ କରିଥିଲେ ଯେ, ଆଦେଶ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟକାରୀ ନ କଲେ ଏହାକୁ କୋର୍ଟଙ୍କ ଆଦେଶର ଅବମାନନା ବୋଲି ଧରାଯିବ।

ସୂଚନାଯୋଗ୍ୟ, ହାଟଡିହୀ ବ୍ଲକ ଅଧୀନ ସଢ଼ା ପଞ୍ଚାୟତର ରିଜୋଲେଶନ ବହିରେ ଅନିୟମିତତା ହୋଇଥିବା ନେଇ ଗତ ୫।୪।୨୦୨୩ରେ ଅଭିଯୋଗ ହୋଇଥିଲା । ହାଟଡିହୀ ବିଡିଓ, ଆନନ୍ଦପୁର ଉପଜିଲାପାଳ, କେନ୍ଦୁଝର ଜିଲାପାଳଙ୍କଠାରେ ୱାର୍ଡ ମେମ୍ବରମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ରିଜୋଲେଶନ ବହିରେ ୨୫ ନମ୍ବରରୁ ୪୦ ନମ୍ବର ପର୍ଯ୍ୟନ୍ତ ପୃଷ୍ଠା ଫାଙ୍କା ରହିଥିବା ଏବଂ ୪୨ନଂ. ପୃଷ୍ଠାରେ ଏକ ରିଜୋଲେଶନ ଲେଖାଥିଲା। ବୈଠକ ନ କରାଇ ପିଅନ ଦ୍ୱାରା ଗାଁ ଗାଁ ବୁଲାଇ ରିଜୋଲୁଶନ ବହିରେ ଦସ୍ତଖତ କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ମାମଲା ହାଇକୋର୍ଟରେ ପହଞ୍ଚି ଥିଲା।

# କୋଟିଲା ନାୟକାଣୀ ଟିମ୍ ଚାମ୍ପିୟନ

## ନନ୍ଦିପୁର ପ୍ରିମିୟର ଲିଗ୍

ଧାମନଗର,୧୦।୧୨ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କରଦା ପଞ୍ଚାୟତ ନନ୍ଦିପୁର ଗ୍ରିନଫିଲ୍ଡଠାରେ ଲକ୍ଷ୍ମୀନାରାୟଣ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୭ମ ବାର୍ଷିକ ନନ୍ଦିପୁର ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳାଙ୍ଗର ସୁକୁମାର ଇଲେଭେନ ଟିମ୍‌କୁ ହରାଇ ତିନିଘରିଆ ମା’ କୋଟିଲା ନାୟକାଣୀ ଟିମ୍ ଚାମ୍ପିୟନ ହୋଇଛି। କୋଟିଲା ନାୟକାଣୀ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୬୮ ରନ୍ କରିଥିଲା। ଦଳ ପକ୍ଷରୁ ଶେଖର ଦାସ ୪୨ ରନ୍ କରିଥିଲେ। ସୁକୁମାର ଇଲେଭେନ ୧୪.୪ ଓଭରରେ ୧୦୭ ରନ୍ କରି ସମସ୍ତ ଉଇକେଟ ହରାଇ ରନର୍ସଅପ୍ ହୋଇଥିଲା। ଦଳ ପକ୍ଷରୁ ରୂପେଶ ଦାସ ୨୪ ରନ୍ କରିଥିଲେ। ତିନିଘରିଆ ଟିମ୍‌ର ରଞ୍ଜିତ କୁମାର ମହନ୍ତ ମ୍ୟାନ୍‌ଅଫ୍‌ଦିମ୍ୟାଚ୍‌ଓ ଶେଖର ଦାସ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛି ଚାମ୍ପିୟନ ଟିମ୍।

ଖବରଦାତା ବିବେକାନନ୍ଦ ସାମଲଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବାୟୁସେନା ଅଧିକାରୀ ତଥା ଷ୍ଟେଟବ୍ୟାଙ୍କ ଦୋବଲ ଶାଖା ପରିଚାଳକ ନିଗମାନନ୍ଦ ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଖବରଦାତା ପ୍ରଦୀପ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ଶିକ୍ଷକ ହରମୋହନ ପତି ପ୍ରମୁଖ ଏଥିରେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ଜ୍ୟୋତି ପ୍ରକାଶ ସାମଲ ଓ ଚନ୍ଦନ ନାୟକ ଖେଳ ପରିଚାଳନା କରିଥିବା ବେଳେ ଅନିଲ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଶିଷ ନାୟକ, ସତ୍ୟବ୍ରତ ସାମଲ, ଶୁଭାଶିଷ ପାତ୍ର, ଅଭିଜିତ ସାମଲ, ଶୁଭାଶିଷ ନାୟକ, ଶୁଭ୍ରାକାଶ ନାୟକ, ତପନ ସାହୁ, ସୋମ୍ୟରଞ୍ଜନ କର, ଦୀପକ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଅଦିନିଆ ବର୍ଷା କ୍ଷୟକ୍ଷତି

# ସମୀକ୍ଷା କଲା ଭାଜପା କୃଷକ ମୋର୍ଚ୍ଚା

କେନ୍ଦୁଝର,୧୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଲଘୁଚାପ ଜନିତ ଲଗାଣବର୍ଷାରେ ଧାନ ଓ ପନିପରିବା ଫସଲ ବ୍ୟାପକ ଭାବେ ନଷ୍ଟ ହୋଇ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଭୁଶୁଡ଼ି ପଡ଼ିଛି। ପ୍ରବଳ ବର୍ଷା ଯୋଗୁ ବିଲରେ ଧାନ ସବୁ ଗଜାହୋଇ ନଷ୍ଟ ହୋଇଯାଇଛି। ଖବର ପାଇ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଏକ ପ୍ରତିନିଧି ଦଳ ସହିତ ଚମ୍ପୁଆ, ପାଟଣା, ଝୁମ୍ପୁରା, କେନ୍ଦୁଝର ସଦର, ଘଟଗାଁ, ହରିଚନ୍ଦନପୁର ପ୍ରଭୃତି ତହସିଲ ଅଞ୍ଚଳ ବୁଲି ଧାନ କ୍ଷେତ, ଓ ପନିପରିବା ଚାଷ ଜମିକୁ ପରିଦର୍ଶନ କରିଛନ୍ତି। ଚାଷୀମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଅଦିନିଆ ବର୍ଷା ହୋଇ କ୍ଷୟକ୍ଷତି ହେବାର ୪ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କର କୃଷି ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଅକଳନ କରିନାହାନ୍ତି।



ଭାଜପା କୃଷକ ମୋର୍ଚ୍ଚା ପ୍ରତିନିଧି ଦଳ କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି।

ଏନେଇ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସାହୁ ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ମନୋଭାବକୁ ନିନ୍ଦା କରିଛନ୍ତି। ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହିତ ବିକଳ୍ପ ଚାଷ ରବି ଚାଷ ପାଇଁ ମାଗଣାରେ ବିହନ, ସାର ଓ କୀଟନାଶକ ଯୋଗାଇ ଦେବାକୁ ସେ ପାଇଁ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବ୍ୟାପକ ଚାଷୀ ଆନ୍ଦୋଳନ କରାଯିବ ବୋଲିକ ସେ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପାର ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ଯୁବମୋର୍ଚ୍ଚା ଜିଲା ସଭାପତି ହେମରଞ୍ଜନ ବାରିକ, କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗିରଥି ସିଂ, ଅଖିଳ ଚନ୍ଦ୍ର ନାୟକ, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ରାଜେଶ ସିଂହ, ଡ. ଫକୀର ନାଏକ, ଟୁଟୁ ସାହୁ, ସୁଧାକର ସାହୁ, ପ୍ରାଣବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

